ପ୍ରଶାସକ, ବି.ଏସ.ଆର.ଟି.ସି

ବନାମ

ରଞ୍ଜନ ମାଝୀ ଏବଂ  ଅନ୍ୟମାନେ

ଜୁଲାଇ 17, 2006

[ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂ ପନ୍ତ, ନ୍ୟାୟମୂର୍ତ୍ତିଦ୍ୱୟ]

*ମୋଟର ଯାନ ଅଧିନିୟମ, 1980- ଧାରା 166- କ୍ଷତିପୂରଣ- ସମାନ ଅଂଶରେ ଅଧିନିର୍ଣ୍ଣିତ ରାଶି ପ୍ରଦାନ କରିବାକୁ ଦୁଇଟି ପକ୍ଷ ନିର୍ଦ୍ଦେଶିତ- କୌଣସି କାରଣ ନ ଦର୍ଶାଇ ଅଧିନିର୍ଣ୍ଣିତ ସମ୍ପୂର୍ଣ୍ଣ ରାଶି ପ୍ରଦାନ କରିବାକୁ ଉଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶକୁ ପ୍ରଥମ ପକ୍ଷଙ୍କ ଆପତ୍ତି –ର ସଠିକତା- କୁହାଗଲା: ଦ୍ୱିତୀୟ ପକ୍ଷ ଅଧିନିର୍ଣ୍ଣିତ ପରିମାଣର 50 ପ୍ରତିଶତ ପ୍ରଦାନ କରିବାର ନିର୍ଦ୍ଦେଶକୁ ଆପତ୍ତି କରିନଥିଲେ, ମୂଳତଃ ନିର୍ଦ୍ଦେଶକୁ ଗ୍ରହଣ କରିଥିଲେ, ତେଣୁ ଉଚ୍ଚ ନ୍ୟାୟାଳୟ ପ୍ରଥମ ପକ୍ଷକୁ କ୍ଷତିପୂରଣ ଭାବରେ ସମ୍ପୂର୍ଣ୍ଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ  ଦେଇ ଏକ ନୂତନ ମାମଲା ପ୍ରସ୍ତୁତ କରିପାରିନଥା'ନ୍ତେ- ସୁତରାଂ, ଉଭୟ ପକ୍ଷଙ୍କ ଦ୍ୱାରା ଅଧିନିର୍ଣ୍ଣିତ ରାଶିକୁ ସମାନ ଭାବରେ ପ୍ରଦାନ କରିବାକୁ ଅଛି ।*

**ଏକ ଦୁର୍ଘଟଣାର ପରିଣାମସ୍ୱରୂପ B ଙ୍କ ମୃତ୍ୟୁ ଘଟିଥିଲା ଯେଉଁଥିରେ ଆବେଦନକାରୀ-ନିଗମର ଏବଂ ପ୍ରତିବାଦୀ ସଂଖ୍ୟା 3-ପୋଲିସ ବିଭାଗର ଗାଡ଼ି ଏଥିରେ ସମ୍ପୃକ୍ତ ଥିଲା । ନିଗମ ଏବଂ ପୋଲିସ ବିଭାଗ ଦ୍ୱାରା ଅଧିନିର୍ଣ୍ଣିତ ରାଶିକୁ ସମାନ ଅଂଶରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇ ନ୍ୟାୟାଧିକରଣ ଦାବି ଆବେଦନର ଫଏସଲା କରିଥିଲେ । ଅଧିନିର୍ଣ୍ଣୟର ସଠିକତା ଉପରେ ପ୍ରଶ୍ନ ଉଠାଇ ଆବେଦନକାରୀ ଏକ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଅଧିନିର୍ଣ୍ଣୟକୁ କାଏମ ରଖିଥିଲେ, କିନ୍ତୁ ଅଧିନିର୍ଣ୍ଣିତ ସମ୍ପୂର୍ଣ୍ଣ ରାଶି ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ । ସୁତରାଂ ବର୍ତ୍ତମାନର ଆବେଦନଟି ।**

**ଆଂଶିକ ଭାବରେ ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ**

**କହିଲେ: ନ୍ୟାୟାଧିକରଣଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶର ସଠିକତା ଉପରେ ପ୍ରଶ୍ନ ଉଠାଇ ପ୍ରତିବାଦୀ ସଂଖ୍ୟା 3-ପୋଲିସ ବିଭାଗ ଦ୍ୱାରା କୌଣସି ଆପତ୍ତି ନଥିଲା ଯେ ସେ ଅଧିନିର୍ଣ୍ଣିତ ରାଶିର 50 ପ୍ରତିଶତ ଦେବାକୁ ଆଇନ ଅନୁଯାୟୀ ବାଧିତ, ତେଣୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇପାରିନଥା'ନ୍ତେ ଯେ ଆବେଦନକାରୀ କ୍ଷତିପୂରଣ ଭାବରେ ଦିଆଯାଇଥିବା ସମ୍ପୂର୍ଣ୍ଣ ରାଶି ପ୍ରଦାନ କରିବେ । ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣ  ଦ୍ୱାରା ଅଧିନିର୍ଣ୍ଣିତ ସମ୍ପୂର୍ଣ୍ଣ ରାଶି ପ୍ରଦାନ କରିବା ପାଇଁ ଏକ ନୂତନ ମାମଲା ପ୍ରସ୍ତୁତ କରିପାରିନଥା'ନ୍ତେ । ଉଚ୍ଚ ନ୍ୟାୟାଳୟ ସ୍ୱୟଂ ଏଭଳି ନିର୍ଦ୍ଦେଶ ଦେଇଥିଲେ ଏବଂ ଏହାର କୌଣସି କାରଣ  ଦର୍ଶାଇ ନଥିଲେ । ଆବେଦନକାରୀ-ନିଗମ ପରିମାଣ ସମ୍ବନ୍ଧରେ ନ୍ୟାୟାଧିକରଣ  ଦ୍ୱାରା ଦିଆଯାଇଥିବା ମତର**

**ସଠିକତା ଉପରେ ପ୍ରଶ୍ନ ଉଠାଇଥିଲେ । ପ୍ରତିବାଦୀ ସଂଖ୍ୟା 3 ଏକ ଆବେଦନକୁ ବାଛିନଥିଲେ ଏବଂ ମୂଳତଃ ଏହି ନିର୍ଦ୍ଦେଶକୁ ସ୍ୱୀକାର କରିଥିଲେ ଯେ ସେ ଅଧିନିର୍ଣ୍ଣିତ ରାଶିର 50 ପ୍ରତିଶତ ଦେବାକୁ ଆଇନ ଅନୁଯାୟୀ ବାଧିତ । ଅଧିନିର୍ଣ୍ଣିତ ରାଶିକୁ ଆବେଦନକାରୀ ଏବଂ ପ୍ରତିବାଦୀ ସଂଖ୍ୟା 3 ଦ୍ୱାରା ସମାନ ଭାବେ ପ୍ରଦାନ କରାଯିବ ।**

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 3000/2006 ।

ଏଫ.ଏମ.ଏ. ସଂଖ୍ୟା 1178/2000 ରେ କଲିକତା ଉଚ୍ଚ ନ୍ୟାୟାଳୟର ତା 11.4.2003 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଇର୍ସାର୍ଦ ଅହମ୍ମଦ ।

ପ୍ରତିବାଦୀଙ୍କ ପକ୍ଷରୁ ରାଣା ଏସ. ବିଶ୍ୱାସ, ସରଳା ଚନ୍ଦ୍ର, ଅଭିଜିତ୍ ଭଟ୍ଟାଚାର୍ଜୀ, ବିକାଶ କର ଗୁପ୍ତା ଏବଂ ସୌମ୍ୟା କୁଣ୍ଡୁ ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି** । ଅନୁମତି ପ୍ରଦାନ କରାଯାଉଛି ।

ଏହି ଆବେଦନରେ ଆପତ୍ତିଟି କଲିକତା ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ରାୟର ବୈଧତା ପ୍ରତି ଅଟେ । ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ଯେ ଚତୁର୍ଥ ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ/ଅତିରିକ୍ତ ଜିଲ୍ଲା ବିଚାରପତି ବର୍ଦ୍ଧମାନ (ସଂକ୍ଷେପରେ 'ନ୍ୟାୟାଧିକରଣ') ଦ୍ୱାରା ଅଧିନିର୍ଣ୍ଣିତ କ୍ଷତିପୂରଣ ରାଶି ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିଲା ।

ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟ ନିମ୍ନରେ ଦିଆଗଲା:

ନ୍ୟାୟାଧିକରଣଙ୍କ ଦ୍ୱାରା ଦୁଇଟି ଦାବି ଆବେଦନର ଫଏସଲା କରାଯାଇଥିଲା । ଦୁର୍ଘଟଣାରେ ପରିଣାମସ୍ୱରୂପ ବାସୁଦେବ ମାଝୀଙ୍କ ମୃତ୍ୟୁର ଘଟେଇଥିବା ଦୁଇଟି ଗାଡ଼ି ସମ୍ପୃକ୍ତ ଥିଲା, ଗୋଟିଏ ଆବେଦନକାରୀ-ନିଗମର ହୋଇଥିବାବେଳେ ଅନ୍ୟଟି ପଶ୍ଚିମବଙ୍ଗର ପୋଲିସ ବିଭାଗର ଥିଲା । ନଥିପତ୍ରରେ ଉପଲବ୍ଧ ସାକ୍ଷ୍ୟପ୍ରମାଣ ଉପରେ ବିଚାର କରିବା ପରେ ନ୍ୟାୟାଧିକରଣ, ଅଧିକନ୍ତୁ ନିମ୍ନମତେ ନିର୍ଦ୍ଦେଶ ଦେଇଥିଲେ:-

> ଏମ. ଭି. ଅଧିନିୟମର ଧାରା 166 ଅନୁସାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିବାଦୀ ସଂଖ୍ୟା 1 ଏବଂ 2 ମାନଙ୍କ ବିରୋଧରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଏବଂ ଅନ୍ୟ ପକ୍ଷମାନଙ୍କ ବିରୁଦ୍ଧରେ *ଏକ ତରଫା* କିନ୍ତୁ ମାମଲାର ତଥ୍ୟ ଏବଂ ପରିସ୍ଥିତି ନେଇ ବିନା ଖର୍ଚ୍ଚରେ ଆବେଦନକୁ ଅନୁମତି ଦିଆଯାଉଛି । ଆବେଦନକାରୀମାନେ 2, 30,400 ଟଙ୍କା ଅଧିନିର୍ଣ୍ଣିତ ରାଶି ପାଇବାକୁ ଅଛନ୍ତି । *ପୁଲିସ ଜିପ୍ ସଂଖ୍ୟା ଡବ୍ଲ୍ୟୁ. ବି. ପି.-2655 ସମ୍ପର୍କରେ ପ୍ରତିବାଦୀ ପୁଲିସ*

*ଅଧୀକ୍ଷକ, ବର୍ଦ୍ଧମାନଙ୍କୁ ଏବଂ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ବି.ଏସ.ଆର.ଟି.ସି.ଙ୍କୁ ଆଦେଶ ଦିନଠାରୁ ଦୁଇ ମାସ ମଧ୍ୟରେ ଆବେଦନକାରୀଙ୍କୁ 2, 30,400 ଟଙ୍କାର ରାଶି ସମାନ ଅଂଶରେ ଅର୍ଥାତ୍ ପ୍ରତ୍ୟେକ 1, 15,200 ଟଙ୍କାର ଏହି ଅଧିନିର୍ଣ୍ଣିତ ରାଶିକୁ ନିମ୍ନଲିଖିତ ପ୍ରକାରେ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି ଯେଉଁଥିରେ ବିଫଳ ହେଲେ ଆବେଦନକାରୀମାନେ ସମ୍ପୂର୍ଣ୍ଣ ରାଶି ଆଦାୟ ନ ହେବା ପର୍ଯ୍ୟନ୍ତ 12 ପ୍ରତିଶତ ହାରରେ ସୁଧ ପାଇବାକୁ ହକଦାର ଅଟନ୍ତି ।*

(ଗୁରୁତ୍ୱ ଦେବା ପାଇଁ ରେଖାଙ୍କିତ)

ମୋଟର ଯାନ ଅଧିନିୟମ, 1988 ର ଧାରା 166 (ସଂକ୍ଷେପରେ 'ଅଧିନିୟମ') ଅଧୀନରେ ନ୍ୟାୟାଧିକରଣ ଦାଖଲ ହୋଇଥିବା ଦାବି ଆବେଦନର ଫଏସଲା କରିଥିଲେ ।

ଆବେଦନକାରୀ ଏକ ଆବେଦନ ଦାଖଲପୂର୍ବକ ଉଚ୍ଚ ନ୍ୟାୟାଳୟରେ ନ୍ୟାୟାଧିକରଣର ରାୟର ସଠିକତା ଉପରେ ପ୍ରଶ୍ନ ଉଠାଇଥିଲେ । ଉପରେ ଉଲ୍ଲେଖ କରାଯାଇଥିବା ପରି, ସେହି ଏକ ଦୁର୍ଘଟଣା ସମ୍ବନ୍ଧୀୟ କିଛି ଦାବି ଆବେଦନଗୁଡ଼ିକର ନିର୍ଣ୍ଣୟ କରାଯାଇଥିଲା । ଦାଖଲ ହୋଇଥିବା ଦୁଇଟି ଆବେଦନ ମଧ୍ୟରୁ ଗୋଟିଏ ଥିଲା ଏଫ.ଏମ.ଏ. ସଂଖ୍ୟା 1178/2002 ଯାହା ବର୍ତ୍ତମାନର ଆବେଦନରେ ବିବାଦର ବିଷୟ ଗଠନ କରୁଛି ।

ଉଚ୍ଚ ନ୍ୟାୟାଳୟ ମୂଳତଃ ନ୍ୟାୟାଧିକରଣ ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟକୁ ବଜାୟ ରଖିଥିଲେ, କିନ୍ତୁ ନିର୍ଦ୍ଦେଶ ଦେଇଥିଲେ ଯେ ଅଧିନିର୍ଣ୍ଣିତ ସମ୍ପୂର୍ଣ୍ଣ ରାଶି ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯିବ ।

ଆବେଦନର ସମର୍ଥନରେ, ଆବେଦନକାରୀ-ନିଗମ ପକ୍ଷର ଶ୍ରୀମାନ ଓକିଲ ଉପସ୍ଥାପନ କରିଥିଲେ ଯେ ନିଗମ ଅଧିନିର୍ଣ୍ଣୟର ସଠିକତା ଉପରେ ପ୍ରଶ୍ନ ଉଠାଇଥିଲେ । ବର୍ଦ୍ଧମାନର ଆରକ୍ଷୀ ଅଧୀକ୍ଷକ, ଯିଏ ଦାବି ଆବେଦନରେ ପ୍ରତିବାଦୀମାନଙ୍କ ମଧ୍ୟରୁ ଜଣେ ଥିଲେ, କୌଣସି ଆବେଦନ କରିନଥିଲେ । ଅନ୍ୟ ଅର୍ଥରେ, ସେ ନ୍ୟାୟାଧିକରଣର ନିର୍ଦ୍ଦେଶ ଅନୁଯାୟୀ ଅଧିନିର୍ଣ୍ଣିତ ରାଶିର 50 ପ୍ରତିଶତ ପ୍ରଦାନ କରିବାକୁ ତାଙ୍କର ଦାୟକୁ ସ୍ୱୀକାର କରିଥିଲେ । ବର୍ଦ୍ଧମାନର ପୁଲିସ ଅଧୀକ୍ଷକଙ୍କ ଦ୍ୱାରା କୌଣସି ଆବେଦନ କରାଯାଇନଥିବାରୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇପାରିନଥା'ନ୍ତେ ଯେ ଆବେଦନକାରୀଙ୍କୁ ଅଧିନିର୍ଣ୍ଣିତ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ହେବ । ବର୍ଦ୍ଧମାନର ଆରକ୍ଷୀ ଅଧୀକ୍ଷକଙ୍କର କୌଣସି ଦାୟ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ କାହିଁକି ଭାବିଲେ, ତାହାର କୌଣସି କାରଣ ଦର୍ଶାଯାଇନାହିଁ ।

ଏହାର ଉତ୍ତରରେ, ବର୍ଦ୍ଧମାନର ପ୍ରତିବାଦୀ-ପୁଲିସ ଅଧୀକ୍ଷକଙ୍କ ଶ୍ରୀମାନ ଓକିଲ ଉପସ୍ଥାପନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ବାସ୍ତବ ସ୍ଥିତି ବିଶ୍ଳେଷଣ କରିଛନ୍ତି ଏବଂ କେବଳ ଆବେଦନକାରୀ ହିଁ ଦାୟୀ ଥିଲେ ବୋଲି ଧରିଛନ୍ତି । ତେବେ ସେ

ଯାହା ହେଉ, ଏହା ଗ୍ରହଣ କରାଯାଇଛି ଯେ ବର୍ଦ୍ଧମାନର ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ଅଧିନିର୍ଣ୍ଣିତ ରାଶିର 50 ପ୍ରତିଶତ ପ୍ରଦାନ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶର ସଠିକତା ଉପରେ ପ୍ରଶ୍ନ ଉଠାଇ କୌଣସି ଆବେଦନ କରାଯାଇନଥିଲା ।

ଆବେଦନକାରୀଙ୍କ ପାଇଁ ଶ୍ରୀମାନ ଓକିଲଙ୍କ ଆବେଦନରେ ଆମ୍ଭେ ମର୍ମ ପାଉଛୁ ଯେ ଯେହେତୁ ନ୍ୟାୟାଧିକରଣ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶର ସଠିକତା ଉପରେ ପ୍ରଶ୍ନ ଉଠାଇ ପ୍ରତିବାଦୀ ସଂଖ୍ୟା 3 ଙ୍କ ତରଫରୁ କୌଣସି ଆପତ୍ତି ନଥିଲା ଯେ ଅଧିନିର୍ଣ୍ଣିତ ରାଶିର 50 ପ୍ରତିଶତ ଦେବାକୁ ସେ ଆଇନ ଅନୁଯାୟୀ ବାଧିତ, ତେଣୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇପାରିନଥା'ନ୍ତେ ଯେ ଆବେଦନକାରୀଙ୍କୁ ସମ୍ପୂର୍ଣ୍ଣ ରାଶି ପ୍ରଦାନ କରିବାକୁ ଥିଲା । ଆବେଦନକାରୀ-ନିଗମ ପରିମାଣ ସମ୍ବନ୍ଧରେ ନ୍ୟାୟାଧିକରଣ ଦ୍ୱାରା ଦିଆଯାଇଥିବା ମତର ସଠିକତା ଉପରେ ପ୍ରଶ୍ନ ଉଠାଇଥିଲେ । ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣଙ୍କ ଦ୍ୱାରା ଅଧିନିର୍ଣ୍ଣିତ ସମ୍ପୂର୍ଣ୍ଣ ରାଶିର ଦେୟ ପାଇଁ ଏକ ନୂତନ ମାମଲା ପ୍ରସ୍ତୁତ କରିପାରିନଥାନ୍ତେ । ପ୍ରତିବାଦୀ ସଂଖ୍ୟା 3 ଏକ ଆବେଦନ କରିନଥିଲେ ଏବଂ ମୂଳତଃ ଏହି ନିର୍ଦ୍ଦେଶକୁ ସ୍ୱୀକାର କରିଥିଲେ ଯେ ସେ ଅଧିନିର୍ଣ୍ଣିତ ରାଶିର 50 ପ୍ରତିଶତ ଦେବାକୁ ଆଇନ ଅନୁଯାୟୀ ବାଧିତ । ଉଚ୍ଚ ନ୍ୟାୟାଳୟ ସ୍ୱୟଂ ନିର୍ଦ୍ଦେଶ ଦେଇଥିଲେ ଯେ ଆବେଦନକାରୀ କ୍ଷତିପୂରଣ ରୂପେ ଅଧିନିର୍ଣ୍ଣିତ ସମ୍ପୂର୍ଣ୍ଣ ରାଶି ପ୍ରଦାନ କରିବାକୁ ଆଇନ ଅନୁଯାୟୀ ବାଧିତ । ଆବେଦନକାରୀଙ୍କୁ ଅଧିନିର୍ଣ୍ଣିତ ସମ୍ପୂର୍ଣ୍ଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାର କୌଣସି କାରଣ ଉଚ୍ଚ ନ୍ୟାୟାଳୟ ଦର୍ଶାଇ ନାହାଁନ୍ତି । ଆବେଦନଟି ସେହି ସୀମା ପର୍ଯ୍ୟନ୍ତ ଅନୁମତି ପାଇବାକୁ ଯୋଗ୍ୟ । ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶାନୁଯାୟୀ ଆବେଦନକାରୀ ଏବଂ ପ୍ରତିବାଦୀ ସଂଖ୍ୟା 3-ପୁଲିସ ଅଧୀକ୍ଷକ-ବର୍ଦ୍ଧମାନଙ୍କ ଦ୍ୱାରା ଏହି ରାଶି ସମାନ ଭାବେ ପ୍ରଦାନ କରାଯିବ ।

ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଏନ. ଜେ.

ଆବେଦନକୁ ଆଂଶିକ ଭାବେ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**